# ଓଡିଶା ସରକାର

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ

### (ଭୂ-ଅର୍ଜନ ଉପବିଭାଗ)

Email- laokpt@gmail.com
Phone Mo.06852-251480

ସଂଖ୍ୟା. 179 /୨୩, XXIV- 17/23 (L.A.)    ତାରିଖ: 24 .୦୩.୨୦୨୩

## ଅଧିସୂଚନା

ଯେହେତୁ ଓଡିଶା ସରକାରଙ୍କ ପ୍ରତିତ ହେଉଅଛି କି, ଏକ ସାର୍ବଜାନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କୋରାପୁଟ-ସିଙ୍ଗାପୁର ଦୋହରୀକରଣ ରେଳପଥ ପ୍ରକଳ୍ପ ନିମନ୍ତେ ମୌଜା- ବାରି, ଥାନା- କାକିରିଗୁମ୍ମା (ନଂ-୯୭), ତହସିଲ-ଲକ୍ଷ୍ମୀପୁର, ଜିଲ୍ଲା- କୋରାପୁଟରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୦.୨୦୪ କର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୂନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୂନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୁଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତାଧିକାରୀ / ଜମି ମାଲିକ ଭୂମିଅଧିଗ୍ରହଣ ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜାନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୂନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୫ ଧାରା ଅନୁଯାୟୀ ସେ ଉକ୍ତ ପ୍ରାରମ୍ଭିକ ଅଧିସୁଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟରେ କୋରାପୁଟ-ସିଙ୍ଗାପୁର ଦୋହରିକରଣ ରେଳପଥ ପ୍ରକଳ୍ପ ।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀଙ୍କ ନାମ – ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୩), ପୂର୍ବତଟ ରେଳପଥ, କୋରାପୁଟ ।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।

୪. ଓଡିଶା ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ସଂଖ୍ୟା RDM-LAB-KPT-0002-2022- 8839/R&DM ତାରିଖ: 09.03.2023 ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, କୋରାପୁଟ ।

କ୍ରମଶଃ...

୬. ଜମିର ବିବରଣୀ: -

## ତଫସିଲ -କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ -ଅନୁସୂଚୀ)

ଜିଲ୍ଲା-କୋରାପୁଟ ତହସିଲ – ଲକ୍ଷ୍ମୀପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା (ଏକରରେ) | ରୟତିଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବାରି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ ଅଛି | ଏଥିସହିତ ସଂଲଗ୍ନ ଅଛି | ଏଥିସହିତ ସଂଲଗ୍ନ ଅଛି | ୦.୪୪୦ | ୦.୨୦୪ | ଏଥିସହିତ ସଂଲଗ୍ନ ଅଛି |

## ତଫସିଲ -ଖ
(ପୁର୍ନବାସ ଜମିର ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-କୋରାପୁଟ ତହସିଲ – ଲକ୍ଷ୍ମୀପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା (ଏକରରେ) | ରୟତିଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବାରି | ଗ୍ରାମାଞ୍ଚଳ | ପ୍ରଯୁଜ୍ୟ ନୁହେଁ | | | | | |

## ବ୍ୟକ୍ତିଗତ ଜମି

| କ୍ରମିକ ନଂ. | ଗ୍ରାମ ପଞ୍ଚାୟତ | ମୌଜା | ଖତିୟାନ ନଂ. | ପ୍ଲୋଟ ନଂ. | ମୋଟ ରକବା (ଏକରରେ) | ଅଧିଗ୍ରହଣ ରକବା (ଏକରରେ) | କିସମ | ଅଭିଲିଖିତ ରୟତ ନାମ |
|---|---|---|---|---|---|---|---|---|
| ୧. | ଭିତରଗଡ | ବାରି | ୮ | ୯୫ | ୦.୩୨୦ | ୦.୦୮୪ | ଡଙ୍ଗର ତିନି | ଗୁଲା ବୋଇ ପି: ବଣ୍ଡା ବୋଇ |
| ୨. | ଭିତରଗଡ | ବାରି | ୨୨ | ୧୦୩ | ୦.୧୨୦ | ୦.୧୨୦ | ଡଙ୍ଗର ତିନି | ପଠାଣ ଯାନି ପି: ନିଡୋ ଯାନି, ଲେରୀ ଯାନି, ବାସୁ ଯାନି ପି: ନାଥ ଯାନି |
| ମୋଟ ରକବା (ଏକରରେ) | | | | | ୦.୪୪୦ | ୦.୨୦୪ | | |

କ୍ରମଶଃ...

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଲକ୍ଷ୍ମୀପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ନେଣ ଦେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, କୋରାପୁଟଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

## ଭୂମି ଅନୁସୂଚୀ

### ଜମିର ତାଲିକା

କୋରାପୁଟ-ସିଙ୍ଗାପୁର ଦୋହରୀକରଣ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣ ବିବରଣୀ ।

ମୌଜା- ବାରି, ଥାନା- କାକିରିଗୁମ୍ମା (ନଂ-୯୭), ତହସିଲ- ଲକ୍ଷ୍ମୀପୁର, ଜିଲ୍ଲା- କୋରାପୁଟ

ବ୍ୟକ୍ତିଗତ ଜମି ପୂର୍ବ ପୃଷ୍ଠାରେ ଦର୍ଶାଇ ଦିଆଗଲା ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ଜିଲ୍ଲାପାଳ, କୋରାପୁଟ